# Akashvani, Sambalpur

## SAMBALPURI NEWS EVENING BULLETIN

**5 February 2025- 7.02 pm- 7.12 pm.**

*********************************************

୧- ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା କାର୍ଯ୍ୟକ୍ରମ୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

- ଯୋଜ୍ନା ଲାଗି ୫ ହଜାର୍ କୋଟି ଟଙ୍କା ଖର୍ଚ୍ଚା କର୍ବେ ରାଜ୍ୟ ସର୍କାର୍ ।

୨- ଓଡ଼ିଶା ଗସ୍ତଥି ଆସିଥିବା ଷୋଡ଼ଶ ଅର୍ଥ କମିଶନ୍ ଆଏବା କାଏଲ୍ ଭେଟ୍ବେ ମୁଖ୍ୟମନ୍ତ୍ରୀଙ୍କୁ ।

୩- କୁମ୍ଭମେଳା ଲାଗି ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ପ୍ରୟାଗ୍ରାଜ୍କେ ଚାଲ୍ଲା ସର୍କାରୀ ବସ୍ ସେବା ।

ଆଉର୍

୪- ରାଏଜେ ଇ ବଛରର୍ ଖରାଦିନେ ୭୦ ନୁ ୮୦ ଦିନ୍ ତକ୍ ଜହ ତାପମାତ୍ରା ରହେବା ଅନୁମାନ୍ କଲା ବିଶ୍ୱ ପାଣିପାଗ ସଂସ୍ଥା ।

ବିକଶିତ ଗାଁ ବିକଶିତ୍ ଓଡ଼ିଶା I&PR

ରାଏଜେ ବିକଶିତ ଗାଁ ବିକଶିତ୍ ଓଡ଼ିଶା ଯୋଜ୍ନା, ସହର୍ ଆଉ ଗାଁ ଭିତ୍ରେ ବିକାଶ୍କେ ନେଇକରି ଥିବା ଫରକ୍ ଦୂର୍ କରିକରି ମୌଲିକ୍ ଭିତିଭୂମିକେ ସମାନ୍ କର୍ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ କହିଛନ୍ । ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ମିନିଷ୍ଟାଡିୟମ୍ଠାନେ ଯୋଜ୍ନାର୍ ଶୁଭାରମ୍ଭ କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଯୋଜ୍ନାଥି ରାଏଜର୍ ପାଖାପାଖି ୬୦ ହଜାର ଗାଁର ବିକାଶ ହେବା । ଗାଁମାନ୍ଙ୍କର ଭିତିଭୂମିର୍ ବିକାଶ୍ ଲାଗି ବଛର୍କେ ହଜାରେ କୋଟି ଟଙ୍କା କରି ୫ ବଛର୍ ଭିତ୍ରେ ୫ ହଜାର୍ କୋଟି ଟଙ୍କା ବିନିଯୋଗ୍ କରାଯିବା । ଇଥି ଗାଁମାନଙ୍କର୍ ରାସ୍ତାଘାଟ୍ନୁ ମୁଲ୍ କରି କରି ଶିକ୍ଷା, କମ୍ୟୁନିଟି ଆସେଟ୍ସ, ପୂଜାପାଠ୍ ଠାନ୍, ଖେଲ୍କୁଦର୍ ଭିତିଭୂମିର୍ ବିକାଶ, ଛୋଟ୍ ଛୋଟ୍ ପର୍ଯ୍ୟଟନ ପ୍ରକଳ୍ପର୍ ବିକାଶ କରାଯାଇ ପାର୍ବା । ଯୋଜ୍ନା ୨୦୨୫ରୁ ୨୦୨୯ ଆର୍ଥିକ୍ ବଛର୍ ତକ୍ କାର୍ଯ୍ୟକାରୀ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ)

କାର୍ଯ୍ୟକ୍ରମ୍ଥି ପଂଚାୟତିରାଜ୍ ଆର୍ ଗ୍ରାମ୍ୟ ଉନ୍ନୟନ୍ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଯୋଗ୍ ଦେଇକରି କହିଛନ୍, ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା କାର୍ଯ୍ୟକ୍ରମ୍ଥି ଜରିଏ ଗ୍ରାମୀଣ ଅର୍ଥନୀତି

ଆଗ୍‌କେ ବଢ଼ିପାର୍‌ବା । ଗ୍ରାମ୍‌ସଭା ଜରିଏ ଗାଁର୍ ସବୁ ବିକାଶ୍ ବାବଦ୍ କାମ୍ ଲାଗି ନିଷ୍ପତି ନିଆଯାଇପାର୍‌ବା ।

୨୦୨୪-୨୫ ଆର୍ଥିକ୍ ବଛର୍ ବଜେଟ୍‌ଥି ରାଜ୍ୟ ସର୍‌କାର୍ ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଲାଗି ହଜାରେ କୋଟି ଟଙ୍କା ବ୍ୟୟବରାଦ୍ କରିଛନ୍ । ଇଥିର୍‌ଲାଗି ମୋଟ୍ ପାଣ୍ଠିର୍ ୪୦ ପ୍ରତିଶତ୍ ଆଦିବାସୀ ଇଲାକାର୍ ଉନ୍ନତି ଲାଗି ଖର୍ଚ୍ଚା କରାଯିବା । ଇ ମାସର୍ ୧୫ ତାରିଖ୍‌ତକ୍ ଜିଲ୍ଲାପାଲ୍ ଆର୍ ବିଡ଼ିଓମାନେ ୫ ବର୍ଷିଆ ଯୋଜ୍‌ନାର୍ ତାଲିକା ବନାବାର୍‌କେ ସର୍‌କାର୍ ନିର୍ଦ୍ଦେଶ୍ ଦେଇଛନ୍ ।

ଯୋଜ୍‌ନାକେ ରାଜ୍ୟର୍ ସବୁ ବ୍ଲକ୍ ଆର୍ କାର୍ଯ୍ୟାଲୟକେ ସଂଯୋଗ୍ କରାଯାଇଛେ । ଉଦ୍‌ଘାଟନୀ ସମାରୋହଥି ଜିଲ୍ଲାର୍ ବ୍ଲକ୍‌ସ୍ତରୀୟ ପ୍ରତିନିଧି ମାନେ ଆଭାସୀ ଜରିଏ ସାମିଲ୍ ହେଇଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲା ଧନକଉଡ଼ା ବ୍ଲକ୍ ଠାନେ ଯୋଜ୍‌ନାର୍ ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର ଯୋଗ୍ ଦେଇକରି ଇ ଯୋଜ୍‌ନା ଜରିଏ ପ୍ରକୃତ ଭାବେ ଗାଁର୍ ବିକାଶ୍ ହେଇପାର୍‌ବା ବଲି କହିଛନ୍ । ଗାଁର୍ ଅର୍ଥନୈତିକ୍ ଆର୍ ସାମାଜିକ୍ ବିକାଶ୍ ହେଲେ ଯାଇ ଓଡ଼ିଶାର୍ ବିକାଶ୍ ହେଇପାର୍‌ବା ବଲି ଅତିଥି ମାନେ କହିଛନ୍ ।

ନୂଆପଡ଼ା ସାଂସ୍କୃତିକ୍ ପଡ଼ିଆ ଠାନେ ହେଇଥିବା ଯୋଜ୍‌ନାର୍ ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଯୋଗ୍ ଦେଇକରି ଇନର୍ ଜନଜାତିର୍ ବିକାଶ୍ ହେଲେ ଓଡ଼ିଶାର୍ ବିକାଶ୍ ହେବା ବଲି କହିଛନ୍ । ଜିଲ୍ଲାର୍ ୪ ଟା ବ୍ଲକ୍ ଠାନେ ଭିଲ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ ହେଇଯାଇଛେ ।

ବୌଦ୍ଧ ଜିଲ୍ଲା ମୃଷୁଣ୍ଡି ପଂଚାୟତ୍ ପଡ଼ିଆଠାନେ ହେଇଥିବା ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଆର୍ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇଥିଲେ । ଜିଲ୍ଲାର୍ ୩ ଟା ବ୍ଲକ୍ ଠାନେ ଭିଲ୍ ଏନ୍ତା କାର୍ଯ୍ୟକ୍ରମ୍ ହେଇଥିଲା ।

ପ୍ରଧାନ୍‌ମନ୍ତ୍ରୀ- କୁମ୍ଭମେଳା ଆର୍‌ଏନ୍‌ୟୁ/ସମ୍ବଲପୁର/ ଏକ୍ସ

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ପ୍ରୟାଗ୍‌ରାଜ୍ କୁମ୍ଭମେଳାକେ ପୁହୁଁଚିକରି ତ୍ରିବେଣୀ ସଂଗମ୍ ଠାନେ ବୁଡ଼୍ ପକେଇଛନ୍ । ଇ ବାବ୍‌ଦେ ସାମାଜିକ୍ ଗଣମାଧ୍ୟମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀ ସଂଗମ୍ ନ ବୁଡ଼୍ ପକେଇକରି ଐଶ୍ୱର୍ଯ୍ୟପ୍ରାପ୍ତିର ଅନୁଭବ୍ କରିଥିବା କହିଛନ୍ । ସେ କହିଛନ୍, ପ୍ରୟାଗ୍‌ରାଜ୍ ଠାନେ ଦିବ୍ୟ, ଭବ୍ୟ, ମହାକୁମ୍ଭର ଆସ୍ଥା, ଭକ୍ତି, ଆର୍ ଆଧ୍ୟାତ୍ମର ସଂଗମ୍ ସମସ୍ତଙ୍କୁ ଅଭିଭୂତ କରୁଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ

ଗଙ୍ଗାମାତାଙ୍କର୍ ପୂଜାର୍ଚ୍ଚନା କରିଛନ୍ । ଆଘର୍ ଧାରିଜ୍ କାର୍ଯ୍ୟକ୍ରମ୍ ଅନ୍‌ସାରେ ପ୍ରଧାନ୍‌ମନ୍ତ୍ରୀ ମହାସ୍ନାନ କର୍‌ବାର୍ ସହେତେ ସାଧୁସନ୍ୟାସୀମାନ୍‌କୁ ଭେଟିଛନ୍ ।

ଅର୍ଥ କମିଶନ୍‌ର ଅଧ୍ୟକ୍ଷ ଆର୍ ସଦସ୍ୟ ପୁରୀ ସମ୍ବାଦଦାତା

୪ ଦିନିଆ ଓଡ଼ିଶା ଗସ୍ତଥି ଆସିଥିବା ୧୬ ନମ୍ବର୍ ଅର୍ଥ କମିଶନ୍‌ର ଅଧ୍ୟକ୍ଷ ଆର୍ ସଦସ୍ୟମାନେ ଆଏଜ୍ ପୁରୀ ଶ୍ରୀମନ୍ଦିର ଯାଇକରି ମାହାପ୍ରୁ ମାନ୍‌କର୍ ଦର୍ଶନ୍ କରିଛନ୍ । ସିଂହଦୁଆର୍ ଠାନେ ଜିଲ୍ଲା ପ୍ରଶାସନ୍ ଆର୍ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସଦସ୍ୟମାନ୍‌କୁ ସ୍ୱାଗତ୍ କରାଯାଇଥିଲା । ଇତାର୍‌ଉତ୍‌ରୁ ସଦସ୍ୟମାନେ କୋଣାର୍କ ଆର୍ ଧଉଲି ଗ୍ରାମ୍‌ପଂଚାୟତ୍‌କେ ବୁଲିଯାଇଥିଲେ । କମିଶନ୍ ପୁରୀ ଜିଲ୍ଲା ନ ଚାଲିଥିବା ପ୍ରକଳ୍ପମାନ୍‌କେ ବିନିଯୋଗ୍ ହେଇଥିବା ଟଙ୍କା ଆର୍ ଆବଶ୍ୟକ୍ ଖର୍ଚ୍ଚା ବାବ୍‌ଦେ ଜିଲ୍ଲା ଅଧିକାରୀମାନ୍‌କର୍ ସଙ୍ଗେ ଆଲୋଚନା କରିଛନ୍ ।

ଦିଲ୍ଲୀ ବିଧାନ୍‌ସଭା ନିର୍ବାଚନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦିଲ୍ଲୀର୍ ୭୦ ଟା ବିଧାନ୍‌ସଭା ଆସନ ଲାଗି ଆଏଜ୍ ଭୋଟ୍ ସରିଛେ । ସଖାଲର୍ ୭ ବଜେନୁ ସଞ୍ଝ୍‌ବେଲର୍ ୬ ବଜେତକ୍ ୧୩

ହଜାର୍ ୭ ଶହ ୬୬ ଟା ବୁଥ୍ ନ ଭୋଟ୍ ହେଇଥିଲା । ଉପର୍‌ବେଲା ୫ ବଜେତକ୍  ୫୭ ଦଶ୍‌ମିକ୍ ୭/ ଶୂନ୍ ପ୍ରତିଶତ୍ ଭୋଟ୍ ପଡ଼ିଥିଲା । ୬ ଶହ ୯୯ ଝନ୍ ପ୍ରାର୍ଥୀ ନିର୍ବାଚନ୍‌ଥି ପ୍ରତିଦ୍ୱନ୍ଦିତା କରିଛନ୍ । ଆଏବା ୮ ତାରିଖ୍ ଦିନ ଭୋଟ୍ ଗନ୍‌ତି ହେବା ।

ବିଜୁ ପଟ୍ଟନାୟକ୍ ବୈଷୟିକ ବିଶ୍ୱବିଦ୍ୟାଲୟ-ସମାବର୍ତନ୍ ଉସ୍ବବ୍
ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟପାଲ୍ ଆର୍ ରାଉର୍‌କେଲା ବିଜୁ ପଟ୍ଟନାୟକ୍ ବୈଷୟିକ ବିଶ୍ୱବିଦ୍ୟାଲୟର କୁଳାଧିପତି ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଏଜ୍ ବିଶ୍ୱବିଦ୍ୟାଲୟର୍ ୧୧ ନମ୍ବର୍ ସମାବର୍ତନ୍ ଉସ୍ବବ୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ୟୁଜି, ପିଜି ଆର୍ ପିଏଚ୍‌ଡ଼ି ସାରିଥିବା ୧୯ ଝନ୍ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ୍ ସହେତେ ମୋଟ୍ ୨୯ ହଜାର୍ ୨ ଶହ ୮୩ ଝନ୍  ଛାତ୍ରଛାତ୍ରୀଙ୍କୁ ପ୍ରମାଣ୍‌ପତ୍ର ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ପ୍ରତିରକ୍ଷା ମନ୍ତ୍ରଣାଲୟ୍ ଅନ୍ତର୍ଗତ ଡିଆର୍‌ଡିଓ ନିର୍ଦ୍ଦେଶକ୍ ଡକ୍ଟର୍ ବିନୟ କୁମାର୍ ଦାସ ଯୋଗ୍ ଦେଇଥିଲେ ।

ଓଏସ୍‌ଆର୍‌ଟିସି-ପ୍ରୟାଗ୍‌ରାଜ୍ ବସ୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାକୁମ୍ଭ ଯିବାର୍ ଲାଗି ଓଡ଼ିଶା ରାଜ୍ୟ ପରିବହନ୍ ନିଗମ୍-ଓଏସ୍ଆର୍‌ଟିସି ତର୍‌ଫୁ ବସ୍ ସେବା ଫେର୍‌ଘାଏ ମୁଲ୍ ହେଇଛେ । ୪ ଟା ବସ୍‌ଥି ୨ ଶହ ୫ନ୍ ତୀର୍ଥଯାତ୍ରୀ ଆଏଜ୍ ପ୍ରୟାଗ୍‌ରାଜ୍ ଯାଇଛନ୍ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏବା ଦିନେ ଦିନେ ଦୁଇଦିନ୍ ଭିତ୍‌ରେ ବର୍‌ଗଡ୍, ବାଲେଶ୍ୱର୍ ସହେତେ ଆର୍ କେତେଟା ଜାଗାନୁ ପ୍ରୟାଗ୍‌ରାଜ୍‌କେ ବସ୍ ଚାଲ୍‌ବା ।

ବନକଲାଗି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ମାଘ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ନ ଆଏଜ୍ ଶ୍ରୀଜୀଉମାନ୍‌କର୍ ବନକଲାଗି ନୀତି ଚାଲିଛେ । ଇଥିର୍‌ଲାଗି ସଞ୍ଜର୍ ୫ ନୁ ରାତିର୍ ୧୦ ବଜେତକ୍ ଶ୍ରୀମନ୍ଦିର୍ ନ ସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ ର ସୂଚ୍‌ନା ଅନ୍‌ସାରେ ୨ ନମ୍ବର୍ ଭୋଗ ମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ଇ ଗୁପ୍ତ ନୀତି ମୁଲ୍ ହେଇଛେ । ଦତ ମହାପାତ୍ର ଶ୍ରୀଜୀଉମାନ୍‌କର୍ ଶ୍ରୀମୁଖ ଶୃଙ୍ଗାର ଗୁପ୍ତନୀତି କରିଛନ୍ ।

କୃମିନାଶକ୍ ଉଷୋ ଆର୍‌ଏନ୍‌ୟୁ/ସମ୍ବଲପୁର

ଜାତୀୟ କୃମିନାଶକ୍ ଦିବସ୍ ଅବ୍ସରେ ସର୍କାର୍ଙ୍କର୍ ତର୍ଫୁ ଆଏବା ୧୦ ତାରିଖ୍ ଦିନ ୧ ନୁ ୧୯ ବଛର୍ ଭିତ୍ରେ ଥିବା ସବୁ ଛୁଆ, ପିଲା, ଟୁକେଲ୍ ଆଉ ୨୦ ନୁ ୨୪ ବଛର୍ ବୟସ୍କ ଆସନ୍ନ ପ୍ରସବା ମହିଲା ମାନ୍କୁ ଆଲ୍ବେଣ୍ଡାଜଲ୍ ବଟିକା ଆର୍ ସିରପ୍ ଅଙ୍ଗନବାଡ଼ି କେନ୍ଦ୍ର, ସର୍କାରୀ, ବେସର୍କାରୀ ବିଦ୍ୟାଲୟ ଆର୍ ମହାବିଦ୍ୟାଲୟ ମାନ୍କେ ଦିଆଯିବା । ଯେନ୍ମାନେ ୧୦ ତାରିଖ୍ ଦିନ ଇ ବଟିକା ନାଇଁ ଖାଇପାରିଥିବେ ସେମାନ୍କୁ ଆଏବା ୧୭ ତାରିଖ୍ ଦିନ ମପ୍ ଅପ୍ ଦିବସ୍ଥି ଇ ଉଷୋ ଖାଇପାର୍ବେ । ଇ ଉଷୋ କେନ୍ସି ଜଟିଲ୍ ପାର୍ଶ୍ୱ ପ୍ରତିକ୍ରିୟା ନାଇଁ କରାଏ । ହେଥିର୍ଲାଗି ନିର୍ଦ୍ଧାରିତ୍ ବର୍ଗଥି ଆସୁଥିବା ସମ୍କୁ ଠିକ୍ ସମିଆଥି ସର୍କାର୍ଙ୍କର୍ ତର୍ଫୁ ଦିଆଯାଉଥିବା ମାହାଲିଆ କୃମିନାଶକ୍ ଉଷୋ ଖୁଆବାର୍କେ ଅଭିଭାବକ୍ମାନ୍କୁ ଅନୁରୋଧ୍ କରାଯାଇଛେ ।

ପ୍ରାଣୀସମ୍ପଦ୍ ମେଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରାଣୀସମ୍ପଦ୍ ଆର୍ ମତ୍ସ୍ୟ ବିଭାଗ୍ ତର୍ଫୁ ସହରର୍ ରୟାଲ୍ ପଡ଼ିଆ ଠାନେ ୨ ଦିନିଆ ପ୍ରାଣୀସମ୍ପଦ୍ ମେଳାକେ ଜିଲ୍ଲାପାଲ୍ ଅନନ୍ୟା ଦାସ ଉଦ୍ଘାଟନ୍ କରିଛନ୍ । ବୀର୍ମହାରାଜ୍ପୁର ବିଧାୟକ୍ ରଘୁନାଥ ଜଗ୍ଦଲା ଇ ଅବ୍ସରେ

ମାଛ୍ ଚାଷ୍, କୁକୁଡ଼ା, ହଂସ ଆର୍ ଗୋ ପାଲନ୍ କରିକରି ନିଜର୍ ଆର୍ଥିକ୍ ଥିତି ସୁଦୃଢ଼ କର୍‌ବାର୍‌କେ ଜିଲ୍ଲାର୍ ଯୁବ ଉଦ୍ୟୋଗୀମାନ୍‌କୁ ପରାମର୍ଶ ଦେଇଛନ୍ । ମେଳା ନ ୩୫ ଟା ଷ୍ଟଲ୍‌ଥି ଦୁହି ବିଭାଗ୍‌ର୍ ଉନ୍ନୟନ୍ କାମ୍‌କେ ନେଇକରି ଭିନ୍ ଭିନ୍ ପ୍ରଦର୍ଶନୀ କରାଯାଇଛେ ।

ଶ୍ରମିକ କଲ୍ୟାଣ ଯୋଜ୍‌ନା-ସାହାଜ୍ ଦେବ୍‌ଗଡ୍ ସମ୍ବାଦଦାତା

ଦେବଗଡ଼ ମହବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାନେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜ୍‌ନାଥି ସାହାଜ୍ ବଂଟା ଯାଇଛେ । ପ୍ରଭାଗ ଶ୍ରମ ସଂସ୍ଥାପକ୍ ଇତିଶ୍ରୀ ଗାଗରାଇଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମଥି ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗ୍ ଦେଇକରି ୩ ଶହ ୮୯ ଝନ୍ ହିତାଧିକାରୀଙ୍କୁ ୧ କୋଟି ୧୭ ଲାଖ୍ ଟଙ୍କାର୍ ସାହାଜ୍ ଟଙ୍କା ବାଂଟିଛନ୍ । ସରକାରୀ ସାହାଜ୍ ପାଏବାର୍ ଲାଗି ଶ୍ରମ୍ ବିଭାଗ୍‌ଠାନେ ପଂଜିକୃତ୍ ହଉନ୍ ବଲି ଜିଲ୍ଲାପାଳ ହିତାଧିକାରୀମାନଙ୍କୁ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଅନ୍ସାରେ ଆଏଜ୍ ଦିନର୍ ୧୦ ସହରର୍ ତାପମାତ୍ରା ୩୫ ଡିଗ୍ରୀନୁ ଅଏତ୍କା ଥିଲା । ବଲାଙ୍ଗିର୍ ଆର୍ ମାଲ୍କାନ୍ଗିରିର୍ ତାପମାତ୍ରା ୩୬ ଡିଗ୍ରୀ ସେଲ୍ସିଅସ୍ ଥିଲା । ରାଜ୍ୟର୍ ସବୁ ଇଲାକାର୍ ତାତି ୩୦ ଡିଗ୍ରୀନୁ ଅଏତ୍କା ଥିଲା । ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ ଦିନର୍ ଆର୍ ରାତିର୍ ସର୍ବୋଚ୍ଚ ତାପମାତ୍ରାଥି ୬ ନୁ ୭ ଡିଗ୍ରୀର୍ ଫରକ୍ ରହୁଛେ । ପଶ୍ଚିମ ଓଡ଼ିଶାର୍ ସବୁ ଇଲାକା ନ ତାପମାତ୍ରା ବଢୁଥିବାର୍ନୁ ଆଏବା ଦିନେ ତାପମାତ୍ରା ଆହୁରି ଜହ ହେବା ବଲି ଅନୁମାନ୍ କରାଯାଇଛେ । ଇ ବଛ୍ରର୍ ଫେବୃଆରୀ ମାସର୍ ପହେଲା ହପ୍ତାଥି କୋରାପୁଟ୍, ଭବାନୀପାଟ୍ନା, ଝାର୍ସୁଗୁଡ଼ାର୍ ତାପମାତ୍ରା ୫୦ ବଛ୍ରର୍ ରେକର୍ଡ଼ ଭାଙ୍ଗିଛେ । ସେନ୍ତା ଭୁବ୍ନେଶ୍ୱର୍ର ତାପମାତ୍ରା ୨୧ ବଛର୍ ରେକର୍ଡ଼ ଭାଙ୍ଗିଥିବାର୍ ଜନାପଡ଼ିଛେ । ବିଶ୍ୱ ପାଣିପାଗ୍ ସଂସ୍ଥାର୍ ସୂଚ୍ନା ଅନ୍ସାରେ ଓଡ଼ିଶା ନ ଇ ବଛ୍ରର୍ ଖରାଦିନେ ୭୦ ନୁ ୮୦ ଦିନ୍ ତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା । ମାର୍ଚ୍ଚ ମାସର୍ ୧୫ ତାରିଖ୍ନୁ ଜୁନ୍ ମାସ ୧୫ ତାରିଖ୍ ଭିତ୍ରେ ତାତି ଜହ ବଢ଼୍ବା । ସେଆଡ଼େ ଇ ବଛର୍ ଜାନୁଆରୀ ମାସ୍ ଦେଶର୍ ସବୁନୁ ତତ୍ଲା ମାସ୍ ଥିଲା । ପାଣିପାଗ୍ ସଂସ୍ଥାର୍ ସୂଚ୍ନା ଅନ୍ସାରେ ପୁରଥିର୍ ହାରାହାରି ତାପମାତ୍ରା ପହେଲାଥର୍ ଲାଗି ୧୩ ଦଶ୍ମିକ୍ ୬ ଡିଗ୍ରୀ ସେଲ୍ସିଅସ୍ ଛୁଇଁଥିବାର୍ନୁ ଗୁଟେ ବଡ଼ ଚିନ୍ତାର୍ କାରଣ୍

ହେଇଛେ । ଗଲାବଛର୍ ବିଶ୍ୱର୍ ହାରାହାରି ତାପମାତ୍ରା ପହେଲାଥର୍ ଲାଗି ୧ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ପାର୍ କରିଥିଲା ।